# Arbitral Tribunal award on the request of Italy in respect of a dispute concerning the incident of 15 February 2012 involving Italian tanker "EnricaLexie" and Indian fishing vessel "St. Antony"

## 02 July, 2020

---

## ଇଟାଲୀର ଅନୁରୋଧ କ୍ରମେ, ଇଟାଲୀୟ ଟ୍ୟାଙ୍କର୍ "ଏନାରିକା ଲକ୍ସେି" ଓ ଭାରତୀୟ ମାଛ ଧରା ନୌକା "ସେଣ୍ଟ୍ ଆଣ୍ଟୋନୀ" ସମ୍ବନ୍ଧିତ 15 ଫେବୃଆରୀ 2012 ମସିହାର ଏକ ବିବାଦ ନେଇ ଆର୍‌ବିଟ୍ରାଲ୍ ଟ୍ରିବ୍ୟୁନାଲ୍ ର ଫଇସଲା

ଜୁଲାଇ 02, 2020

**ଇଟାଲୀର ଅନୁରୋଧ କ୍ରମେ, ଇଟାଲୀୟ ଟ୍ୟାଙ୍କର୍ "ଏନାରିକା ଲକ୍ସେି" ଓ ଭାରତୀୟ ମାଛ ଧରା ନୌକା "ସେଣ୍ଟ୍ ଆଣ୍ଟୋନୀ" ସମ୍ବନ୍ଧିତ 15 ଫେବୃଆରୀ 2012 ମସିହାର ଏକ ବିବାଦ ମାମଲାରେ 26 ଜୁନ୍ 2015 ର ସମୁଦ୍ର ସମ୍ବନ୍ଧୀୟ ଆଇନ ଅନୁଯାୟୀ ମିଳିତ ଜାତିସଂଘ ସଂନ୍ଧି ( ୟୁଏନ୍ ସିଏଲ୍ ଓଏସ୍ ) ସଂଲଗ୍ନ VII ଅନୁଯାୟୀ ଆର୍‌ବିଟ୍ରାଲ୍ ଟ୍ରିବ୍ୟୁନାଲ୍ ନିଜର ଫଇସଲା ଶୁଣାଇଛି । ଏହି ଫଇସଲାର ମୁଖ୍ୟ ପଏଣ୍ଟ ଏହି ପ୍ରକାରର:**

- ୟୁଏନ୍ ସିଏଲ୍ ଏସ୍ ର ପ୍ରାବଧାନ ଅନୁଯାୟୀ ଏହି ଘଟଣାରେ ଭାରତୀୟ କର୍ତ୍ତୃପକ୍ଷଙ୍କ ଆଚରଣକୁ ଟ୍ରିବ୍ୟୁନାଲ ସମର୍ଥନ କରିଛନ୍ତି। ଟ୍ରିବୁନାଲ୍ ଇଟାଲୀୟ ସାମରିକ ଅଧିକାରୀମାନଙ୍କର କାର୍ଯ୍ୟକଳାପକୁ ଧ୍ୟାନରେ ରଖିଥିଲେ, ଏବଂ ପରିଣାମ ସ୍ୱରୂପ କରିଥିଲେ ଯେ ଇଟାଲୀ ୟୁଏନ୍ ସି ଏଲ୍ ଓଏସ୍ ଅନୁଚ୍ଛେଦ 87(1)(a) ଓ 90 ଅନୁଯାୟୀ ଭାରତର ନୌବାହନ ସ୍ୱତନ୍ତ୍ରତାର ଉଲଘଂନ କରିଥିଲା ।

- ଟ୍ରିବ୍ୟୁନାଲ୍ ଅନୁଧ୍ୟାନ କରିଥିଲେ ଯେ, ଭାରତ ଏବଂ ଇଟାଲୀର ଏହି ଘଟଣା ନେଇ ସମବର୍ତ୍ତୀ ଅଧିକାର କ୍ଷେତ୍ର ଥିଲ ଏବଂ ନୌସୈନିକଙ୍କ ବିପକ୍ଷରେ ଅପରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏକ ବୈଧ ଆଇନଗତ ଆଧାର ଥିଲା । ନୌସୈନିକଙ୍କୁ ହିଫାଜତରେ ରଖିବା ପାଇଁ କ୍ଷତିପୂରଣ ଭରିବା ପାଇଁ ଇଟାଲୀର ଦାବିକୁ ଖାରଜ କରିଦେଇଛନ୍ତି । ତବେ ଏହା ଜଣାଯାଇଥିଲା ଯେ, ସରକାରୀ ଅଧିକାରୀଙ୍କ ଭଳି ନୌସୈନିକଙ୍କୁ ମିଳିଥିବା କୋହଳ ଭାବ ଭାରତୀୟ ନ୍ୟାୟାଳୟର ଅଧିକାର କ୍ଷେତ୍ର ପାଇଁ

ଏକ ବ୍ୟତିକ୍ରମ ଏବଂ ଏଥିପାଇଁ ସମୋନଙ୍କୁ ନୌସେନିକଙ୍କ ବିପକ୍ଷରେ ଫଇସଲା କରିବାରେ ଅଟକାଇ ଦେଇଥିଲା ।

- 15 ଫେବ୍ରୁଆରୀ 2012 ର ଘଟଣାରେ ନିଜର ଅପରାଧିକ ଯାଞ୍ଚ ପୁଣି ଥରେ ଆରମ୍ଭ କରିବା ପାଇଁ ଇଟାଲୀ ଦ୍ଵାରା କରାଯାଇଥିବା ପ୍ରତିବଦ୍ଧତା ଉପରେ ଟ୍ରିବ୍ୟୁନାଲ୍ ଧ୍ୟାନ ଦେଇଥିଲେ ।

- ଟ୍ରିବ୍ୟୁନାଲ୍ ନିଷ୍ପତି ଦେଇଛନ୍ତି ଯେ, "ସେଣ୍ଟ ଆଣ୍ଟୋନୀ" ର କ୍ୟାପଟେନ୍ ଏବଂ ଅନ୍ୟ ଚାଳକ ଦଳର ସଦସ୍ୟଙ୍କ ଜୀବନ ହାନି, ଶାରିରୀକ କ୍ଷତି, ସମ୍ପତ୍ତି ହାନି ଏବଂ ନେତିକ କ୍ଷତି ପାଇଁ ଅନୁକମ୍ପା ରାଶି ପାଇଁ ଭାରତ ହକଦାର । ଟ୍ରିବ୍ୟୁନାଲ୍ ଏହା ମଧ୍ୟ କହିଛନ୍ତି ଯେ, ଭାରତକୁ ଦେବାକୁ ଥିବା କ୍ଷିତିପୂରଣ ରାଶି ନେଇ ବୁଝାମଣା କରିବାକୁ ଉଭୟ ପକ୍ଷକୁ ପରସ୍ପର ସହ ପରାମର୍ଶ କରିବାକୁ ଆମନ୍ତ୍ରିତ କରାଯାଉଛି । ଟ୍ରିବ୍ୟୁନାଲ୍ ଏହା ମଧ୍ୟ ନିର୍ଣ୍ଣୟ ନେଇଛନ୍ତି ଯେ, ଯଦି କୌଣସି ପକ୍ଷ କିମ୍ବା ଦୁଇ ପକ୍ଷ ଭାରତକୁ ଦେବାକୁ ଥିବା ଅନୁକମ୍ପା ରାଶି ନିର୍ଦ୍ଧାରଣ କରିବା ସମ୍ବନ୍ଧରେ ଆର୍ବିଟ୍ରଲ୍ ଟ୍ରିବ୍ୟୁନାଲ୍ କୁ ଫଇସଲା ପାଇଁ ଆବେଦନ କରିବାକୁ ଚାହାଁନ୍ତି ତାହାଲେ ସେ ଅଧିକାର କ୍ଷେତ୍ରେ ପ୍ରସ୍ତୁତ ରଖିବେ ।

- ଭାରତ ଏହି ଫଇସଲା ଉପରେ ଧ୍ୟାନ ଦେଇଛି ଏବଂ ଏହି ପ୍ରସଙ୍ଗରେ ସମ୍ପୃକ୍ତ ସଂସ୍ଥା ସହିତ ଯୋଗାଯୋଗ କରିବ ।

**ନୂଆ ଦ୍ଲିଲୀ**
**ଜୁଲାଇ 02, 2020**

DISCLAIMER : This is an approximate translation. The original is available in English on MEA's website and may be referred to as the official press release.